# Akashvani, Sambalpur

## SAMBALPURI NEWS EVENING BULLETIN

## 5 January 2025- 7.02 pm- 7.12 pm.

*********************************************

୧- ରାୟଗଡ଼ା ରେଲ୍‌ମଣ୍ଡଲ୍‌ର ଭିତିପ୍ରସ୍ତର୍ ଥାପ୍‌ନା ଆର୍ ରେଲ୍‌ଭିତିଭୂମି ପ୍ରକଳ୍ପର୍ ଆଏବା କାଏଲ୍ ଉଦ୍‌ଘାଟନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ରାଏଜେ ପାଣିପଂଚାୟତ୍ ମାନ୍‌କେ ବର୍‌କସ୍ କରିକରି ଇସବୁକେ କୃଷି ବିପଣନ୍ କେନ୍ଦ୍ର ଭାବେ ବିକଶିତ୍ କର୍‌ବାର୍‌କେ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ମୁଲ୍ ହେଇଛେ ରାଜ୍ୟସ୍ତରୀୟ  ଆଦିବାସୀ ମେଳା  ।

୪- ବିଶିଷ୍ଟ ଓଡ଼ିଆ କବି ଆର୍ ସାହିତ୍ୟିକ ଡକ୍ଟର୍ ପ୍ରତିଭା ଶତ୍‌ପଥୀ ପାଏଲେ ଗଙ୍ଗାଧର୍ ଜାତୀୟ ପୁରସ୍କାର୍ ।

ଆଉର୍

୫- ରାଉର୍‌କେଲା ଆନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ନ ହକି ଇଣ୍ଡିଆ ଲିଗ୍‌ଥି ଆଏଜ୍ ଖେଲାଯାଉଛେ ୨ ଟା ମେଚ୍ ।

ପ୍ରଧାନ୍‌ମନ୍ତ୍ରୀ - ରାୟଗଡ଼ା ରେଲ୍‌ମଣ୍ଡଲ୍        ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ସଖାଲ୍‌ବେଲା ଆଭାସୀ ଜରିଏ ରାୟଗଡ଼ା ରେଲ୍‌ମଣ୍ଡଲ୍‌ର ଭିତିପ୍ରସ୍ତର୍ ଥାପ୍‌ନା କର୍‌ବାର୍ ସହେତେ ଆହୁରି ବହୁତ୍‌ଟେ ରେଲ୍ ଭିତିଭୂମି ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବେ । ରାୟଗଡ଼ା ଠାନେ ଶହେ ୭ କୋଟି ଟଙ୍କା ଖର୍ଚ୍ଚାଥି ୧୨ ହଜାର୍ ବର୍ଗମିଟର୍‌ର ଗୁଟେ ଆଧୁନିକ୍ ମଣ୍ଡଲ୍ କାର୍ଯ୍ୟାଳୟ ଭବନ୍ ବନାଯିବା । ଇ କାର୍ଯ୍ୟକ୍ରମ୍‌ଥି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେବେ । ରାୟଗଡ଼ା ଠାନେ ଆୟୋଜିତ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ରେଲ୍‌ବାଇ ଆର୍ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମନ୍ତ୍ରଣାଳୟର୍ ରାଷ୍ଟ୍ରମନ୍ତ୍ରୀ ରବ୍‌ନୀତ୍ ସିଂ ବିଟୁଙ୍କର୍ ସହେତେ କୋରାପୁଟ୍ ସାଂସଦ୍, ବିଧାୟକ୍ ଆର୍ ବହୁତ୍ ସିଆନ୍‌ସୁଜନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ପାଣିପଂଚାୟତ୍  ପକ୍ଷ        ଆଇ ଆଣ୍ଡ ପିଆର୍

ରାଏଜେ ପାଣି ପଂଚାୟତ୍‌ମାନ୍‌କେ ବର୍‌କସ୍ କରିକରି ଇ ସବୁକେ କୃଷି ବିପଣନ କେନ୍ଦ୍ର ଭାବେ ବିକଶିତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍

ବର୍‌ମୁଣ୍ଡା ଖେଲ୍‌ପଡ଼ିଆ ଠାନେ ରାଜ୍ୟସ୍ତରୀୟ ପାଣିପଂଚାୟତ୍ ପକ୍ଷର୍ ଉଦଯାପନୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ପାଣି ପଂଚାୟତ୍‌ମାନ୍‌କର୍ ନିର୍ବାଚନ୍ ଆର୍ କାଗଜ୍‌ପତର୍ ଅଡିଟ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ । ସେ  କହିଛନ୍ ଯେ, ରାଜ୍ୟର୍ ଚାଷୀମାନ୍‌କର୍ ଜମିକେ ପାଏନ୍ ଯୁଗାବାର୍ ଲାଗି ନୂଆଁ ଫିଲ୍ଡ଼ ଚେନାଲ୍ ତିଆରି ସହେତେ ପୁର୍‌ନା ଚେନାଲ୍ ମାନ୍‌କେ କଂକ୍ରିଟ୍ ଚେନାଲ୍ କର୍‌ବାର୍ ଲାଗି ନିଷ୍ପତି ହେଇଛେ । ସେ କହିଛନ୍ ଯେ, ଇ ବଛର୍‌ନୁ ୨୦୨୮ -୨୯ ଆର୍ଥିକ୍ ବଛର୍ ଭିତ୍‌ରେ ୮୦ ହଜାର୍ ହେକ୍ଟର୍ ଜଲ୍‌ସେଚିତ୍ ଇଲାକା ନ ୨ ହଜାର୍ ୪ ଶହ କିଲୋମିଟର୍ ନୂଆଁ କଂକ୍ରିଟ୍ ନାଲା ତିଆର୍ କରାଯିବା । ଇତାର୍‌ସହେତେ ୬୨ ହଜାର୍ ହେକ୍ଟର୍ ଜଲ୍‌ସେଚିତ୍ ଇଲାକା ନ ୧ ହଜାର୍ ୮ ଶହ ୬୦ କିଲୋମିଟର୍ ଖୋବ୍ ପୁର୍‌ନା ନାଲାମାନ୍‌କେ ଫେର୍‌ଘାଏ କଂକ୍ରିଟ୍ ନାଲି କରାଯିବା ବଲି ସେ ଘୋଷ୍‌ନା କରିଛନ୍ । ଇ ଅବ୍‌ସରେ ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ବ୍ଲକ୍‌ର ଡୁମେର୍‌ଜୋର୍ ପାଣି ପଂଚାୟତ୍‌କେ ଶ୍ରେଷ୍ଠ ପାଣିପଂଚାୟତ୍ ପୁରସ୍କାର୍ ଦିଆଯାଇଛେ ।

ହକି ଇଣ୍ଡିଆ ଲିଗ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ଖେଲାଯିବା । ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍

ଠାନେ ଆଏଜ୍ ସଞ୍ଜ୍‌ବେଲା ୬ ବଜେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ଚାଲିଛେ । ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ତାମିଲନାଡୁ ଡ୍ରାଗନ୍ସ ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ଖେଲାଯିବା ।

ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଆଇ ଆଣ୍ଡ ପିଆର୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଭୁବନଶ୍ୱେର୍‌ଠାନେ ଶହିଦ ମାଧୋ ସିଂହ ହାତଖର୍ଚ୍ଚା ଯୋଜ୍‌ନାର୍ ଶୁଭାରମ୍ଭ୍ କରିଛନ୍ । ଯୋଜ୍‌ନାଥି ଜନଜାତି ଛାତ୍ରଛାତ୍ରୀଙ୍କର୍ ଏକାଙଂଟକେ ଇ ଶିକ୍ଷା ବଛର୍ ଲାଗି ଏକାଥର୍‌କେ ୫ ହଜାର ଲେଖା ସାହାଜ୍ ଟଙ୍କା ଦିଆଯିବା ।

ଆଦିବାସୀ ମେଳା ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଆଦିବାସୀ ମେଳାକେ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଭୁବନେଶ୍ୱର ୩ ନମ୍ବର୍ ୟୁନିଟ୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆନେ ଆଏଜ୍‌ଠାନୁ ଆଏବା ୧୬ ତାରିଖ୍‌ତକ୍ ଇ ମେଳା ଚାଲ୍‌ବା । ଅନୁସୂଚିତ ଜନଜାତି ଉନ୍ନୟନ୍ ସଂଖ୍ୟାଲଘୁ ଆର୍ ପଛୁଆବର୍ଗ କଲ୍ୟାଣ୍

ବିଭାଗ୍ ତର୍ଫୁ ଇ ମେଲାର୍ ଆୟୋଜନ୍ କରାଯାଇଛେ । ମେଲାଥି ଶହେ ୮୯ ଟା ଷ୍ଟଲ୍ ଖୁଲାଯାଇଛେ । ଜନଜାତି ସ୍ୱୟଂସହାୟକ ଗୋଷ୍ଠୀମାନ୍‌କର୍ ତର୍ଫୁ ଉତ୍ପାଦିତ ଦରବ୍‌ର ବିକ୍ରିବଟା କରାଯିବାର୍ ଲାଗି ଖାସ୍ ବ୍ୟବସ୍ଥା କରାଯାଇଛେ । ଇ ବଛର୍ ପହେଲାଥର୍ ଲାଗି ମେଲା ପରିସର୍ ନ ଭଗବାନ୍ ବିର୍ସାମୁଣ୍ଡା ପାଭେଲିଅନ୍ ତିଆରି ହେଇଛେ । ସେନ୍ତା ପ୍ରବାସୀ ଭାରତୀୟ ଦିବସ୍‌ଥି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକେ ଉଜ୍ଜିବିତ କର୍‌ବାର୍ ଲାଗି ବିଡ଼ିଏ ତର୍ଫୁ ଏକାମ୍ର ଉତ୍ସବ୍ ଭିଲ୍ ଆଏଜ୍‌ଠାନୁ ମୁଲ୍ ହେଉଛେ ।

ପ୍ରବାସୀ ଭାରତୀୟ ଦିବସ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ସର୍‌କାର୍‌ଙ୍କର୍ ସହଭାଗିତାଥି ୮ ତାରିଖ୍‌ନୁ ୧୦ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ୧୮ ନମ୍ବର୍ ପ୍ରବାସୀ ଭାରତୀୟ ଦିବସ୍ ଆୟୋଜିତ୍ ହେବା । ପ୍ରବାସୀ ଭାରତୀୟ ଦିବସ୍ କାର୍ଯ୍ୟକ୍ରମ୍‌ଥି ସୁରକ୍ଷା ଆର୍ ନିରାପତା ବ୍ୟବସ୍ଥା ଯାଂଚ୍ ଲାଗି ଆଏଜ୍ ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଜନତା ମଇଦାନ୍‌ଠାନେ ଥିତି ତଦାରଖ୍ କରିଛନ୍ । ଇ ବାବ୍‌ଦେ ସେ କହିଛନ୍...

(ଭଏସ୍ ଓଭର୍- ମୁଖ୍ୟ ଶାସନ୍ ସଚିବ)

ପ୍ରବାସୀ ଭାରତୀୟ ଦିବସ-ରାଷ୍ଟ୍ରପତି ଆର୍ଏନ୍ୟୁ/ କଟକ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବ୍ନେଶ୍ୱର୍ ନ ପ୍ରବାସୀ ଭାରତୀୟ ଦିବସ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବାର୍ ଲାଗି ଆଏବା ୯ ତାରିଖ୍ ଦିନ ଓଡ଼ିଶା ଆସ୍ବେ । ଆଏବା ୧୦ ତାରିଖ୍ ଦିନ ଭୁବ୍ନେଶ୍ୱର୍ ଜନତା ମଇଦାନ୍ଠାନେ ପ୍ରବାସୀ ଭାରତୀୟ ଦିବସ୍ର ଉଦ୍ଯାପନୀ କାର୍ଯ୍ୟକ୍ରମ୍ଥି ରାଷ୍ଟ୍ରପତି ଯୋଗ୍ ଦେଇକରି ସେହିଦିନ ଆରବେଲି ନୂଆଦିଲ୍ଲୀ ଫିରିଯିବାର୍ କାର୍ଯ୍ୟସୂଚୀ ରହିଛେ ।

ଗଙ୍ଗାଧର୍ ଜାତୀୟ କବିତା ପୁରସ୍କାର ଧର୍ମେନ୍ଦ୍ର ପ୍ରଧାନ୍ ଏକ୍ସ

ଓଡ଼ିଆ ସାହିତ୍ୟ ଜଗତ୍ର ବିଶିଷ୍ଟ କବି ଆର୍ ସାହିତ୍ୟିକ ଡକ୍ଟର୍ ପ୍ରତିଭା ଶତ୍ପଥୀଙ୍କୁ କବିତା ଲାଗି ଗଙ୍ଗାଧର୍ ଜାତୀୟ ପୁରସ୍କାର୍-୨୦୨୩ ଦିଆଯାଇଛେ । ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଳୟର୍ ୫୮ ନମ୍ବର୍ ଥାପ୍ନା ଦିବସ୍ ଅବ୍ସରେ ଜ୍ୟୋତିବିହାର୍ ବୁର୍ଲା ଠାନେ ହେଇଥିବା ଗୁଟେ ସ୍ୱତନ୍ତ୍ର ସମାରୋହଥି ଡକ୍ଟର୍ ଶତ୍ପଥୀଙ୍କୁ ପୁରସ୍କାର୍ ବାବ୍ଦେ ନଗଦ୍ ଲକ୍ଷେ ଟଙ୍କା, ପ୍ରଶସ୍ତିପତ୍ର ଆର୍ ଅଙ୍ଗବସ୍ତ୍ର ଦିଆଯାଇଛେ ।

ସମାରୋହଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ଗୁଟେ ଶୈକ୍ଷିକ ଗବେଷଣା ଆର୍ ନବସୃଜନର୍ କେନ୍ଦ୍ରବିନ୍ଦୁ ବଲି କହିଥିଲେ । ସମ୍ବଲ୍‌ପୁର୍ ଅଂଚଲ୍‌ଥି ଶିକ୍ଷାର୍ ବର୍‌କସ୍ ଲାଗି ସ୍ଥାନୀୟ ଭାଷାଥି ଶିକ୍ଷା ଦେବାର୍‌କେ ପଡ୍‌ବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ଆଇଆଇଏମ୍ ସମ୍ବଲ୍‌ପୁର୍‌ର ନିର୍ଦ୍ଦେଶକ୍ ମହାଦେଓ ଜୟଶ୍ୱାଲ୍ ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ଲୋକାଲ୍ ଚମ୍ପିଆନ୍ - ଏମ୍‌ସିଏଲ୍ ହି.ସ.

ଦେଶେ ପଂଚାୟତିରାଜ୍ ବ୍ୟବସ୍ଥା ଗୁଟେ ମଜ୍‌ବୁତ୍ ବ୍ୟବସ୍ଥା ଆର୍ ଇଥି କ୍ରମାଗତ୍ ଭାବେ ବହୁତ୍ ଶିକ୍ଷିତ୍ ଯୁଆନ୍ ପିଲାଟୁକେଲ୍ ସାମିଲ୍ ହେବାର୍‌ଟା ଗଣତନ୍ତ୍ର ଲାଗି ଗୁଟେ ଭଲ୍ ସଂକେତ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ବୁର୍ଲା ଏମ୍‌ସିଏଲ୍ ସମ୍ମିଳନୀ କକ୍ଷ ନ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ୍ ଆର୍ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ମୁଲ୍ କରାଯାଇଥିବା 'ଲୋକାଲ୍ ଚମ୍ପିଆନ୍' ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ରମନ୍ତ୍ରୀ ଯୋଗ୍ ଦେଇକରି କହିଛନ୍ ଯେ, ରାଜ୍ୟର୍ ଗ୍ରାମ୍‌ପଂଚାୟତ୍ ମାନ୍ ନିଜର୍ ଜନ୍‌କଲ୍ୟାଣ୍‌କାରୀ କାମ୍ ଜରିଏ ଜାତୀୟସ୍ତର୍‌ଥି ପୁରସ୍କୃତ ହେଉଛନ୍ । ସେ କହିଛନ୍, ଗ୍ରାମାଂଚଲ୍‌ର ବିକାଶ୍

ଆର୍ ଗାଁଗହଲ୍‌ଥି ରହୁଥିବା ଲୋକ୍‌ମାନ୍‌କର୍ ଜୀବନ୍ ଜୀବିକାଥି ପରିବର୍ତନ୍ ଆନ୍‌ବାର୍‌ଥି ପଂଚାୟତିରାଜ୍ ଅନୁଷ୍ଠାନ୍‌ମାନ୍‌କର୍ ବଡ଼ ଭୂମିକା ରହିଛେ । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଭିଲ୍ ଉପସ୍ଥିତ୍ ଥିଲେ ।

ଲୋକ୍‌ମହୋତ୍ସବ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ-୨୦୨୫ ର ଆଏଜ୍ ୨ ନମ୍ବର୍ ଦିନେ ଭିନ୍ ଭିନ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଅନୁଷ୍ଠିତ୍ ହେଉଛେ । ବେଲ୍‌ବୁଡ଼େ ମା ସମଲେଇଙ୍କୁ ପୂଜାର୍ଚ୍ଚନା ଉତ୍‌ରୁ କାର୍ଯ୍ୟକ୍ରମ୍ ମୁଳ୍ ହେଇଛେ । କାର୍ଯ୍ୟକ୍ରମ୍‌ଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ବିରୋଧୀ ଦଲ୍ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ଗୀତିକାର୍ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ସେଆଡ଼େ ଆଏଜ୍ ସଖାଲେ ପହେଲା ଅଧିବେଶନ୍ ସଖାଲର୍ ୧୦ ବଜୁ ମୁଳ୍ ହେଇକରି ୨ ବଜେତକ୍ ଚାଲିଥିଲା । ଅଧିବେଶନ୍‌ଥି ପଶ୍ଚିମ ଓଡ଼ିଶା ଲୋକସଂଗୀତ୍‌ର ଥିତି ଆର୍ ପ୍ରକୃତି ଆର୍ ୨ ନମ୍ବର୍ ଅଧିବେଶନ୍ ପଶ୍ଚିମ ଓଡ଼ିଶାର୍ ଲୋକନାଟକ୍ ଆର୍ ଲୋକନୃତ୍ୟର୍ ଥିତି ଆର୍ ବିକାଶ୍ ଶୀର୍ଷକ୍ ୨ ଟା ଆଲୋଚନାଚକ୍ର ହେଇଥିଲା ।

ବର୍‌ଗଡ୍ ଧନୁଯାତ୍ରା        ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ଆଏଜ୍ ୩ ନମ୍ବର୍ ଦିନେ ମହାରାଜ୍ କଂସଙ୍କର୍ ମଥୁରା ନଗରୀ ନ ଶ୍ୟାମେଶ୍ୱର ମହାଦେବ ଦର୍ଶନ୍, କାରାଗୃହ ପ୍ରବେଶ, ବିଜୁଳି କନ୍ୟାକେ ଦର୍ପନ୍ ଶୀଳାଥି ପ୍ରହାର, ଦୈବବାଣୀ, ରାଜଦର୍‌ବାର୍‌ଥି କଂସଙ୍କର୍ ମନ୍ତ୍ରଣା, ନାରଦଙ୍କର୍ ଉପଦେଶ, ପୁତୁନା ଷଡ଼ମଲ୍ଲ ଆବାହନ୍ ଦୃଶ୍ୟ ଅଭିନୟ ହେବା । ସେନ୍ତା ଗୋପପୁର ନ ନନ୍ଦ ଦର୍‌ବାର୍ ଉଦ୍‌ଘାଟନ୍ ନନ୍ଦୋତ୍ସବ, କୃଷ୍ଣଙ୍କର୍ ଦୁଲି ଝୁଲା, ରାସନୃତ୍ୟ, ନଗର ସଂକୀର୍ତନ ସହେତେ କୃଷ୍ଣଙ୍କର ଗୋପପୁର ଭ୍ରମଣ ବାଗିର୍ ଦୃଶ୍ୟ ଅଭିନୟ ହେବା । ଇତାର୍‌ସହେତେ କଂସ ଦର୍‌ବାର୍ ନ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ତର୍‌ଫୁ ନାଚ୍‌ଗୀତ୍ ପରିବେଷଣ୍ ହେଉଛେ ।

ଗୋପବନ୍ଧୁ ବିଦ୍ୟାପୀଠର ହୀରକ ଜୟନ୍ତୀ/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ଗୋପବନ୍ଧୁ ବିଦ୍ୟାପୀଠର ହୀରକ ଜୟନ୍ତୀ ପାଲିତ୍ ହେଇଯାଇଛେ । ବାଣିଜ୍ୟ,

ପରିବହନ୍, ଇସ୍ପାତ୍ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିକ୍ଷା ଗୁଟେ ସମାଜ୍ ଆର୍ ସଭ୍ୟତାକେ ଉନ୍ନତି ଦିଗେ ନେଇଯାଏସି ବଲି କହିଛନ୍ । କାର୍ଯ୍ୟକ୍ରମ୍ଥି ବର୍ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ପଦ୍ମଶ୍ରୀ ହଲ୍ଧର୍ ନାଗ୍ ଆର୍ ବହୁତ୍ଟେ ସିଆନ୍ ସୁଜନ୍ ଯୋଗ୍ ଦେଇଥିଲେ । ଇ ଅବ୍ସରେ ଗୁଟେ ସ୍ମରଣିକା ଉନ୍ମୋଚିତ୍ ହେଇଥିଲା । ଶେଷେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଥିଲେ ।

ନୌଚାଲନା , ତୀର ଚାଲନା କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଥୁଆମୁଲ୍ ରାମ୍ପୁର୍ ବ୍ଲକ୍ ନ ନୌଚାଲନା ଆର୍ ତୀର ଚାଲନା ପ୍ରତିଯୋଗିତା ହେଇଯାଇଛେ । ପ୍ରତିଯୋଗିତାକେ ଲାଞ୍ଜିଗଡ଼୍ ବିଧାୟକ୍ ପ୍ରଦୀପ୍ ଦିଶାରୀ ଉଦ୍ଘାଟନ୍ କରିଥିଲେ । ଆଏବା ୧୪ ତାରିଖ୍ନୁ ମୁଲ୍ ହେବାର୍କେ ଥିବା ଜିଲ୍ଲାର୍ ଲୋକ୍ ମହୋତ୍ସବ୍ ଘୁମ୍ରା -୨୦୨୫ ଲାଗି ଇନ୍ଦ୍ରାବତୀ ଜଲ୍ଭଣ୍ଡାର୍ର କେନ୍ଦୁଗୁଡ଼ା ଠାନେ ସମନ୍ୱିତ ଆଦିବାସୀ ଉନ୍ନୟନ୍ ସଂସ୍ଥା ଆର୍ ଜିଲ୍ଲା ମତ୍ସ୍ୟ ବିଭାଗ୍ ଆର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ଇ ପ୍ରତିଯୋଗିତା ହେଇଯାଇଛେ ।

ଗୋପବନ୍ଧୁ ବିଦ୍ୟାପୀଠରର ହୀରକ ଜୟନ୍ତୀ/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ଗୋପବନ୍ଧୁ ବିଦ୍ୟାପୀଠରର ହୀରକ ଜୟନ୍ତୀ ପାଲିତ୍ ହେଇଯାଇଛେ । ବାଣିଜ୍ୟ, ପରିବହନ୍, ଇସ୍ପାତ୍ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିକ୍ଷା ଗୁଟେ ସମାଜ୍ ଆର୍ ସଭ୍ୟତାକେ ଉନ୍ନତି ଦିଗେ ନେଇଯାଏସି ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ବରଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍, ପଦ୍ମଶ୍ରୀ ହଲ୍‌ଧର୍ ନାଗ୍ ଆର୍ ବହୁତ୍‌ଟେ ସିଆନ୍ ସୁଜନ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ  ଗୁଟେ ସ୍ମରଣିକା ଉନ୍ମୋଚିତ୍ ହେଇଥିଲା । ଶେଷେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରିଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ଖେଲାଯିବା । ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଞ୍ଜ୍‌ବେଲା ୬ ବଜେ ବେଦାନ୍ତ କଳିଙ୍ଗ

ଲାନ୍ସର୍ସ ଆର୍ ସୁର୍ମା ହକି କ୍ଲବ୍ ଭିତ୍ରେ ମେଚ୍ ଚାଲିଛେ । ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ତାମିଲନାଡୁ ଡ୍ରାଗନ୍ସ ଆର୍ ୟୁପି ରୁଦ୍ରାସ୍ ଭିତ୍ରେ ଖେଲାଯିବା ।